ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡିଶା ସରକାର
Housing & Urban Development Department, Govt. of Odisha
**ଜଟଣୀ ପୌର ପରିଷଦ, ଜଟଣୀ**
**OFFICE OF THE MUNICIPAL COUNCIL: JATANI**
ସ୍ଥାନ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ୭୫୨୦୫୦
At/Ps- Jatani, Dist-Khordha (Odisha), Pin-752050
**E-mail – municipalityjatni@gmail.com, Phone. No. 0674- 2490826**

**ପତ୍ର ସଂଖ୍ୟା** ୩୮୦୪ / **ତାରିଖ** ୨୫.୦୯.୨୦୨୪

## ବିଜ୍ଞପ୍ତି

ଏତଦ୍ୱାରା ଜଟଣୀ ପୌର ପରିଷଦ ପକ୍ଷରୁ ଜଟଣୀ ପୌରାଞ୍ଚଳରେ ବସବାସ କରୁଥିବା ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଅବଗତି ନିମନ୍ତେ ଜଣାଇଦିଆଯାଉଅଛିକି, ଜଟଣୀ ପୌରାଞ୍ଚଳରେ କାର୍ଯ୍ୟକାରୀ ଥିବା ସଖୀ ପ୍ରକଳ୍ପ ଅନ୍ତର୍ଗତ ସୁବିଧା ସଖୀ ଅଭିଯାନରେ ଜଟଣୀ ପୌର ପରିଷଦର ସମସ୍ତ ୨୩ଗୋଟି ୱାର୍ଡରୁ ୨୩ ଜଣ ମିଶନ ଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ସୁବିଧା ସଖୀରୂପେ ଚୟନ କରାଯିବା ସହ ତାଲିମ ପ୍ରଦାନ କରାଯିବ । ଏହି ସୁବିଧା ସଖୀ ନିମନ୍ତେ ଇଚ୍ଛୁକ ଥିବା ସମସ୍ତ ମିଶନ ଶକ୍ତି ମହିଳା ଗୋଷ୍ଠୀର ସଦସ୍ୟାଙ୍କ ଠାରୁ ନିମ୍ନରେ ଦର୍ଶାଯାଇଥିବା ସର୍ତ୍ତ ଅନୁଯାଇ ସାଧା କାଗଜରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏଥି ନିମନ୍ତେ ଦରଖାସ୍ତ ଦାଖଲ କରିବାର ସମୟ ସୀମା ତା ୨୬.୦୯.୨୦୨୪ରଖର ଅପରାହ୍ନ ୩.୦୦ ଘଟିକା ଠାରୁ ୦୩.୧୦.୨୦୨୪ରଖର ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଗଲା । ଅଧିକ ସୂଚନା ପାଇଁ ୟୁଏମସି ସଂଯୋଜକ ଶ୍ରୀ ପୀତାମ୍ବର ପଲେଇ (ମୋ- ୭୯୭୮୧୮୧୦୯୪)ଙ୍କୁ ଯୋଗାଯୋଗ କରି ପାରିବେ ।

**ଆବଶ୍ୟକୀୟ ସର୍ତ୍ତ:-**

୧. ଇଚ୍ଛୁକ ପ୍ରାର୍ଥୀନୀ ଓଡିଆ ଏବଂ ଇଂରାଜୀ ଭାଷାକୁ ପଢିବା ସହ ବୁଝିପାରୁଥିବେ ।
୨. ଇଚ୍ଛୁକ ପ୍ରାର୍ଥୀନୀ ଅତିକମରେ ୦୨ ବର୍ଷର ମିଶନ ଶକ୍ତି ମହିଳା ଗୋଷ୍ଠୀର ସଦସ୍ୟା ହୋଇଥିବେ ।
୩. ଇଚ୍ଛୁକ ପ୍ରାର୍ଥୀନୀଙ୍କ ନିଜସ୍ୱ ଏକ ସ୍ମାର୍ଟ ଫୋନ ସହ ଇଣ୍ଟରନେଟ ସୁବିଧା ଥିବା ଆବଶ୍ୟକ ଏବଂ ଏହାର ବ୍ୟବହାର ଜାଣିଥିବା ଆବଶ୍ୟକ ।
୪. ପ୍ରତ୍ୟେକ ଦିନ ୪ ରୁ ୦୫ ଘଣ୍ଟା ସମୟ ଦେବା ନିମନ୍ତେ ଇଚ୍ଛୁକ ଥିବା ଆବଶ୍ୟକ ।
୫. ସୁବିଧା ସଖୀ ଭାବେ ବିଭିନ୍ନ କାର୍ଯ୍ୟ ପାଇଁ ବିଭିନ୍ନ କାର୍ଯ୍ୟାଳୟକୁ ଯିବା ଆବଶ୍ୟକ ।
୬. ବିଭିନ୍ନ ପ୍ରକାରର ତାଲିମ ନେବାକୁ ଇଚ୍ଛୁକ ଥିବା ଆବଶ୍ୟକ ।
୭. ଇଚ୍ଛୁକ ପ୍ରାର୍ଥୀନୀଙ୍କର ଯୋଗାଯୋଗ ଦକ୍ଷତା ଏବଂ ବୁଝାବଣା ଭଲ ଥିବା ଆବଶ୍ୟକ ।
୮. ଇଚ୍ଛୁକ ପ୍ରାର୍ଥୀନୀ କୌଣସି ପ୍ରକାରର ସରକାରୀ କାର୍ଯ୍ୟକ୍ରମ ସହ ଜଡିତ ନ ହୋଇଥିବା ଆବଶ୍ୟକ ଯଥା ସ୍ୱଚ୍ଛ ସାଥି, ଜଳ ସାଥି ଇତ୍ୟାଦି ।
୯. ଇଚ୍ଛୁକ ପ୍ରାର୍ଥୀନୀଙ୍କ କୌଣସି ପ୍ରକାରର ଅପରାଧିକ ମାମଲା କିମ୍ବା ରାଜନୈତିକ ସମ୍ପର୍କ ନ ଥିବା ଆବଶ୍ୟକ ।

୨୫/୯/୨୪

**ନିର୍ବାହୀ ଅଧିକାରୀ**
**ଜଟଣୀ ପୌର ପରିଷଦ**

**ଉପପତ୍ର ସଂଖ୍ୟା** ୩୮୦୫ / **ତାରିଖ** ୨୫.୦୯.୨୦୨୪

ଏହାର ଏକକିତା ନକଲ **ପୌର କାର୍ଯ୍ୟାଳୟ ନୋଟିସ ବୋର୍ଡ/ ୱାର୍ଡ କାର୍ଯ୍ୟାଳୟ ନୋଟିସ ବୋର୍ଡ/ ପୌର ପରିଷଦ ୱେବସାଇଟରେ** ସାଧାରଣ ଲୋକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

୨୫/୯/୨୪

**ନିର୍ବାହୀ ଅଧିକାରୀ**
**ଜଟଣୀ ପୌର ପରିଷଦ**

**ଉପପତ୍ର ସଂଖ୍ୟା** ୩୮୦୭ **/ ତାରିଖ** ୨୨.୦୯.୨୦୨୪

ଏହାର ଏକକିତା ନକଲ **ସମସ୍ତ ମିଶନ ଶକ୍ତି ମହାସଂଘ/ ସମସ୍ତ ମିଶନ ଶକ୍ତି ଗୋଷ୍ଠୀଙ୍କ** ଅବଗତି ଓ ଉଚିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

**ନିର୍ବାହୀ ଅଧିକାରୀ**
**ଜଟଣୀ ପୌର ପରିଷଦ**

**ଉପପତ୍ର ସଂଖ୍ୟା** ୩୮୦୮ **/ ତାରିଖ** ୨୨.୦୯.୨୦୨୪

ଏହାର ଏକକିତା ନକଲ **ଅଧକ୍ଷ/ ଉପାଧକ୍ଷା/ ସମସ୍ତ ପାରିଷଦଙ୍କ** ଅବଗତି ଓ ଉଚିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

**ନିର୍ବାହୀ ଅଧିକାରୀ**
**ଜଟଣୀ ପୌର ପରିଷଦ**

**ଉପପତ୍ର ସଂଖ୍ୟା** ୩୮୦୯ **/ ତାରିଖ** ୨୨.୦୯.୨୦୨୪

ଏହାର ଏକକିତା ନକଲ **ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା, ଖୋର୍ଦ୍ଧାଙ୍କ** ଅବଗତି ନିମନ୍ତେ ପ୍ରେରଣ କରାଗଲା ।

**ନିର୍ବାହୀ ଅଧିକାରୀ**
**ଜଟଣୀ ପୌର ପରିଷଦ**